# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**22nd December - 2024**

**News Editor : *Tapan Kumar Maharana***

************************************

## ମୁଖ୍ୟ ସମ୍ବାଦ

- ଆଭାସୀ ମାଧ୍ୟମରେ ଆସନ୍ତାକାଲି ୭୧ ହଜାରରୁ ଊର୍ଦ୍ଧ୍ୱ ନବନିଯୁକ୍ତଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିବେ ପ୍ରଧାନମନ୍ତ୍ରୀ ।

- କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଭେଟି ଓଡ଼ିଶାର ବିକାଶ ପାଇଁ ଅନୁଦାନ ଲାଗି ଅନୁରୋଧ କଲେ ମୁଖ୍ୟମନ୍ତ୍ରୀ ।

- ରାଜ୍ୟରେ ଅଦିନିଆ ବର୍ଷାଜନିତ କ୍ଷୟକ୍ଷତିର ଆକଳନ ପାଇଁ ନିର୍ଦ୍ଦେଶ ଦେଲେ ରାଜସ୍ୱ ମନ୍ତ୍ରୀ ।

ଏବଂ

- ପାଣିପାଗର ଆଗୁଆ ସତର୍କ ସୂଚନା ପାଇଁ ସମ୍ବଲପୁରରେ ଡପଲର ରାଡାର ପ୍ରତିଷ୍ଠା କାର୍ଯ୍ୟର ଶୁଭାରମ୍ଭ ।

*Desk*

# ପି.ଏମ୍. - ନିଯୁକ୍ତିପତ୍ର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ୭୧ ହଜାରରୁ ଊର୍ଦ୍ଧ୍ୱ ନବନିଯୁକ୍ତଙ୍କୁ ଆଭାସୀ ମାଧ୍ୟମରେ ନିଯୁକ୍ତି ପତ୍ର ବଣ୍ଟନ କରିବେ । ଏହି ଅବସରରେ  ପ୍ରଧାନମନ୍ତ୍ରୀ ନବନିଯୁକ୍ତଙ୍କୁ ସମ୍ବୋଧନ କରିବେ ବୋଲି ଜଣାପଡିଛି । ଦେଶର ୪୫ଟି ସ୍ଥାନରେ ରୋଜଗାର ମେଳା ଅନୁଷ୍ଠିତ ହେବ । ନବନିଯୁକ୍ତମାନେ କେନ୍ଦ୍ର ଗୃହ, ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଆଦି ବିଭାଗରେ ନିଯୁକ୍ତି ପାଇବେ ।

*Sambalpur/R*

# ବର୍ଷା - କ୍ଷୟକ୍ଷତି ଆକଳନ

ଅଦିନିଆ ବର୍ଷାରେ ହୋଇଥିବା କ୍ଷୟକ୍ଷତିର ଆକଳନ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି । ମନ୍ତ୍ରୀ ବିଭୂତି ଜେନାଙ୍କୁ ଏ ସମ୍ପର୍କିତ ଦାୟିତ୍ୱ ଦିଆଯାଇଥିବାବେଳେ ସମସ୍ତ ଜିଲ୍ଲାପାଳ ତଥା ଆର୍.ଡି.ସି.ଙ୍କୁ ତଦାରଖପାଇଁ ନିର୍ଦ୍ଦେଶ ଦିଆଯାଇଛି । ଚାଷୀମାନଙ୍କୁ କ୍ଷୟକ୍ଷତିର ପର୍ଯ୍ୟାପ୍ତ ସହାୟତା ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି । ସୂଚନାଯୋଗ୍ୟ, ଗତକାଲି ପର୍ଯ୍ୟନ୍ତ ବର୍ଷା ଲାଗିରହିଥିବାରୁ କ୍ଷୟକ୍ଷତି ଆକଳନ କରାଯାଇପାରି ନାହିଁ ।

# ଧର୍ମେନ୍ଦ୍ର ପ୍ରଧାନ

ଓଡ଼ିଶା ଏକ ସମୃଦ୍ଧ, ବୌଦ୍ଧିକସମ୍ପନ୍ନ ଏବଂ ପରାକ୍ରମୀ ରାଜ୍ୟ । ସାରଳା ଦାସଙ୍କ ମହାଭାରତ, ଓଡ଼ିଶାର ଉତ୍କୃଷ୍ଟ କଳା, ପୋଥି, ଭାସ୍କର୍ଯ୍ୟ ଆମର ଅନନ୍ୟ ବିଭବ । ଏସବୁର ପ୍ରଚାର ଓ ପ୍ରସାର ପାଇଁ ସାମ୍ବାଦିକଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ବୋଲି ଭୁବନେଶ୍ୱରରେ ଆୟୋଜିତ ଓଡ଼ିଶା ସାମ୍ବାଦିକ ୟୁନିୟନର ୫୩ତମ ପ୍ରତିଷ୍ଠା ଦିବସରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି, ୨୦୩୬ ଓ ୨୦୪୭ ମସିହା ସମୟ ଅବଧି ମଧ୍ୟରେ ରାଜ୍ୟର ବୈଭବକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ବଳିଷ୍ଠ ଭୂମିକା ରହିଛି । ସାମ୍ବାଦିକଙ୍କ ସ୍ୱାର୍ଥ, ସୁରକ୍ଷା ଓ ସଂଘର୍ଷକୁ ଓଡ଼ିଶା ସାମ୍ବାଦିକ ୟୁନିୟନ୍ ଗୁରୁତ୍ୱ ଦେଇଆସୁଛି । ଏହି ସାମ୍ବାଦିକଙ୍କ ସୁରକ୍ଷା, ସମ୍ମାନ ଓ ସୁବିଧା ପାଇଁ ରାଜ୍ୟ ସରକାର ସାମ୍ବାଦିକ ସୁରକ୍ଷା ଅଧିନିୟମ ଆଣିବାକୁ ଯାଉଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ପୂର୍ତ୍ତ, ଆଇନ୍, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଧାୟକ ବାବୁ ସିଂହ, ଓଡ଼ିଶା ସାମ୍ବାଦିକ ୟୁନିୟନର ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତିଙ୍କ ସହ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ ।

*Desk*

# ମୁଖ୍ୟମନ୍ତ୍ରୀ - ଅନୁଦାନ ଦାବି

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ନୂଆଦିଲ୍ଲୀରେ ଭେଟି ଓଡ଼ିଶା ବିକାଶପାଇଁ ଅନୁଦାନ ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁରୋଧ କରିଛନ୍ତି । ବିଭିନ୍ନ କ୍ଷେତ୍ରରେ ଆର୍ଥିକ ସହାୟତାପାଇଁ ଶ୍ରୀ ମାଝୀ ଅର୍ଥମନ୍ତ୍ରୀଙ୍କୁ ଜଣାଇଛନ୍ତି । ସହରୀକରଣ ଉପରେ ସରକାରଙ୍କ ଦୃଷ୍ଟି ରହିବ ବୋଲି ମୁଖ୍ୟମନ୍ତ୍ରୀ ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି ।

ନୂଆଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ପ୍ରଧାନମନ୍ତ୍ରୀ ଏବଂ ମନ୍ତ୍ରିମଣ୍ଡଳର ଅନ୍ୟ ବରିଷ୍ଠ ସଦସ୍ୟଙ୍କୁ ସାକ୍ଷାତ କରି ଭୁବନେଶ୍ୱରରେ ଆସନ୍ତା ମାସରେ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସ ଏବଂ ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ରେ ଯୋଗଦେବା ପାଇଁ ନିମନ୍ତ୍ରଣ ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ଆସନ୍ତାକାଲି ଓଡ଼ିଶା ଫେରିବାର କାର୍ଯ୍ୟସୂଚୀ ରହିଛି ।

***Desk, Nuapada, Rayagada, Dhenkanal, Kendrapara/R***

# ପାଣିପଞ୍ଚାୟତ

ରାଜ୍ୟବ୍ୟାପୀ ଆଜିଠାରୁ ଜାନୁଆରୀ ୫ ତାରିଖ ପର୍ଯ୍ୟନ୍ତ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଉଛି । ଏଥିରେ ପାଣି ପଞ୍ଚାୟତମାନଙ୍କ ଦକ୍ଷତାବୃଦ୍ଧି ପାଇଁ ପଦକ୍ଷେପ ନିଆଯିବ । ନୂଆପଡ଼ା ଜିଲ୍ଲା ଖଡ଼ିଆଳ କ୍ଷୁଦ୍ର ଜଳସେଚନ ବିଭାଜନ

ଏବଂ ଲୋୟର୍ ଇନ୍ଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ଏହି ପକ୍ଷ ପାଳନ କରାଯାଇଛି । ଏଥିରେ ଜଳ ଆବଣ୍ଟନ, ଡ୍ୟାମ୍ ଓ କେନାଲର ରକ୍ଷଣାବେକ୍ଷଣ ସହ ଚାଷୀମାନଙ୍କ ପର୍ଯ୍ୟନ୍ତ ଠିକ୍ ଭାବେ ପାଣି ପହଞ୍ଚିବା ଦିଗରେ ପଦକ୍ଷେପ ନେବାକୁ ଆଲୋଚନା କରାଯାଇଥିଲା ।

ରାୟଗଡ଼ା ଜିଲ୍ଲା କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ପାଣି ପଞ୍ଚାୟତ ସଚେତନତା ରଥ ଉଦ୍‌ଘାଟିତ ହୋଇଛି । ଜିଲ୍ଲାପାଳ ପାରୁଲ୍ ପଟୱାରୀ ଏହି ରଥର ଶୁଭାରମ୍ଭ କରିଥିବାବେଳେ ଏହା ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ସ୍ଥାନକୁ ଯାଇ ପାଣି ପଞ୍ଚାୟତ ସମ୍ପର୍କରେ ଲୋକଙ୍କୁ ସଚେତନ କରିବ ।

ଢେଙ୍କାନାଳ ଜିଲ୍ଲା କାର୍ଯ୍ୟାଳୟଠାରୁ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଏକ ସଚେତନତା ରଥ ଜିଲ୍ଲାରେ ଜଳ ସଂରକ୍ଷଣ ଓ ଏହାର ସୁପରିଚାଳନା ସମ୍ପର୍କରେ ସଚେତନତା ସୃଷ୍ଟି କରିବ ।

କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ପାଣି ପଞ୍ଚାୟତ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି । ଏହି ରଥ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବ୍ଲକ୍ ମୁଖ୍ୟାଳୟ ଓ ସେଚ ଅଞ୍ଚଳରେ ପାଣି ପଞ୍ଚାୟତ ଓ ଜଳସେଚନ ସମ୍ବନ୍ଧୀୟ ବାର୍ତ୍ତା ପ୍ରଚାର କରିବ ।

*Deogarh/R*

# ଯକ୍ଷ୍ମା ନିରାକରଣ

ଦେଶରୁ ୨୦୨୫ ମସିହା ସୁଦ୍ଧା ଯକ୍ଷ୍ମା ରୋଗର ମୂଳୋତ୍ପାଟନ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ଏହାକୁ ସଫଳ କରିବା ପାଇଁ ୧୦୦ ଦିନିଆ ଯକ୍ଷ୍ମା ନିରାକରଣ ଅଭିଯାନ **ଦେବଗଡ଼** ଜିଲ୍ଲାରେ ଆରମ୍ଭ ହୋଇଛି । ଜିଲ୍ଲାରେ ଥିବା ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ ପାଇଁ ତୃଣମୂଳ ସ୍ତରରେ ଆଶା ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ନିୟୋଜିତ କରାଯାଇଛି । ଜିଲ୍ଲାରେ ୨୪୧ ଜଣ ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ କରାଯାଇ ଚିକିତ୍ସା ଆରମ୍ଭ କରାଯାଇଛି । ଏ ସମ୍ପର୍କରେ ଦେବଗଡ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଶ୍ୱମୋହନ ମିଶ୍ର ଆକାଶବାଣୀକୁ କହିଛନ୍ତି :

***Voice*** :..................

*Desk*

# ବିଜୟ ମହାନ୍ତି - ଶୋକ

ଭୁବନେଶ୍ୱର-ମଧ୍ୟ ନିର୍ବାଚନ ମଣ୍ଡଳିର ପୂର୍ବତନ ବିଧାୟକ ବିଜୟ ମହାନ୍ତିଙ୍କ ୬୦ ବର୍ଷ ବୟସରେ ପରଲୋକ ହୋଇଛି । କିଛିଦିନ ହେବ ସେ ହୃଦ୍‌ରୋଗରେ ପୀଡିତ ଥିଲେ । ୨୦୦୯ ଏବଂ ୨୦୧୪ ମସିହାରେ

୨ଥର ଭୁବନେଶ୍ୱର ମଧ୍ୟ ଆସନରୁ ସେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ ।

ବିଜୟ ମହାନ୍ତିଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ଶୋକବାର୍ତ୍ତାରେ' ଜନ ପ୍ରତିନିଧି ଭାବରେ ତାଙ୍କର ଲୋକକଲ୍ୟାଣକାରୀ କାର୍ଯ୍ୟଗୁଡ଼ିକ ଚିରସ୍ମରଣୀୟ ହୋଇ ରହିବ ବୋଲି କହିଛନ୍ତି ।

***Desk***

# ଡପ୍‌ଲର୍ ରାଡାର

ସମ୍ବଲପୁରର ଯୋଗୀପାଲିଠାରେ ସି.ବ୍ୟାଣ୍ଡ୍ ଡପଲର ପାଣିପାଗ ରାଡାର ପାଇଁ ଆଜିଠାରୁ କାର୍ଯ୍ୟ ଆରମ୍ଭ ହୋଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହି କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି । ୫ ମିଟରର ଏହି ରାଡାର ୨୫୦ କିଲୋମିଟର ପର୍ଯ୍ୟନ୍ତ ୧୫ଟି ଜିଲ୍ଲାପାଇଁ ପାଣିପାଗର ଆଗୁଆ ସତର୍କ ସୂଚନା ଦେଇପାରିବ । ଏଥିସହ ହୀରାକୁଦ ଡ୍ୟାମ୍‌ର ଜଳ ପରିଚାଳନାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଡପଲର ରାଡାର ସ୍ଥାପନ ପାଇଁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଏକ କୋଠା ନିର୍ମାଣ କରାଯାଉଛି । ସୂଚନାଯୋଗ୍ୟ, ପୂର୍ବରୁ ପାରାଦ୍ୱୀପ ଓ ଗୋପାଳପୁରରେ

ଉପଲର ରାଡାର ସ୍ଥାପନ କରାଯାଇଛି । ସମ୍ବଲପୁରରେ ପ୍ରତିଷ୍ଠା ହେବାକୁ ଥିବା ଏହି ତୃତୀୟ ରାଡାର ଆଗାମୀ ୬ ମାସ ମଧ୍ୟରେ କାର୍ଯ୍ୟକ୍ଷମ ହେବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

***Desk***

# ଧାନମଣ୍ଡି

ଗଞ୍ଜାମ ଜିଲ୍ଲାରେ ଆସନ୍ତା ମାସ ୩ ତାରିଖଠାରୁ ମଣ୍ଡିରେ ଧାନ ସଂଗ୍ରହ କରାଯିବ । ଆସନ୍ତାକାଲି ମଣ୍ଡି ଖୋଲିବାକୁ ଧାର୍ଯ୍ୟ କରାଯାଇଥିବାବେଳେ ଲଘୁଚାପଜନିତ ବର୍ଷାପାଇଁ ଧାନ ସଂଗ୍ରହ ତାରିଖ ଘୁଞ୍ଚାଇ ଦିଆଯାଇଥିବା ଜଣାଯାଇଛି ।

***Dhenkanal/R***

# ବାଲ୍ ପୁରସ୍କାର

ଢେଙ୍କାନାଳ ପି.ଏମ୍.ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ପ୍ରୀତିସ୍ମିତା ଭୋଇ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି । ଆସନ୍ତା ୨୬ ତାରିଖରେ ରାଷ୍ଟ୍ରପତି ଭବନରେ ସେ ପୁରସ୍କାର ଗ୍ରହଣ କରିବେ ବୋଲି ତାଙ୍କ ପ୍ରଶିକ୍ଷକ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, କତର୍‌ର ଦୋହଲିଠାରେ

ହୋଇଥିବା ଏସିଆନ୍ ଭାରୋତ୍ତୋଳନ ଚାମ୍ପିୟନ୍‌ସିପ୍-୨୦୨୪ର ୪୫ କିଲୋ ବର୍ଗରେ ପ୍ରୀତିସ୍ମିତା ରୌପ୍ୟ ପଦକ ସହ ବିଶ୍ୱ ରେକର୍ଡ଼ ହାସଲ କରିଛନ୍ତି ।

***Desk***

# ପାଣିପାଗ

ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ ନେଇ ଆସନ୍ତା ୨୪ ତାରିଖରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା ରହିଛି । ଏନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଦକ୍ଷିଣ ଉପକୂଳ ଓ ପାର୍ଶ୍ୱବର୍ତ୍ତୀ ଉତ୍ତର ଉପକୂଳରେ ବର୍ଷା ସମ୍ଭାବନା ରହିଛି ।

ଗତ ଲଘୁଚାପଜନିତ ବର୍ଷାର ପ୍ରଭାବରେ ରାତିର ସର୍ବନିମ୍ନ ତାପମାତ୍ରା ୨ରୁ ୪ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ରହିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘନ କୁହୁଡି ହେବା ନେଇ ସୁନ୍ଦରଗଡ଼, ଝାରସୁଗୁଡା, କେନ୍ଦୁଝର, କଳାହାଣ୍ଡି, କନ୍ଧମାଳ ଓ କୋରାପୁଟ ଜିଲ୍ଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

*****